
କୈବଲ୍ୟ ବଜାର ପୂଜା ପ୍ରତିଷ୍ଠାନ।


ଗୁଡ଼ିଆନାଳୀ ପୂଜା ପ୍ରତିଷ୍ଠାନ।


ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ।

# ଚମକ ଭରିଛି ଚାନ୍ଦିମେଢ଼

**ଧନର ଦେବୀ ସୋ ସମୃଦ୍ଧିର ପ୍ରତୀକ ମଧ୍ୟ। ତାଙ୍କ ରୂପକାନ୍ତି ଯେମିତି, ଆଭୂଷଣ, ବେଶ ପରିପାଟୀ ମଧ୍ୟ ଠିକ୍ ସେମିତି। ଢେଙ୍କାନାଳ ଗଣପର୍ବ ପ୍ରସିଦ୍ଧ ଲକ୍ଷ୍ମୀପୂଜାରେ ଦେଖିବାକୁ ମିଳିଛି ଏହାର ପ୍ରତିଫଳନ। ମହଣ ମହଣ ଅଳଙ୍କାରରେ ମଣ୍ଡିତ ହୋଇଛନ୍ତି ମା' ପଦ୍ମାଳୟା। ସୁବର୍ଣ୍ଣ କିରୀଟ, କଣ୍ଠହାର, କଙ୍କଣ, କାନଫୁଲ, ବାଜୁବନ୍ଧ ଭଳି ଆକର୍ଷଣୀୟ ଆଭୂଷଣ ଆଖି ଝଲସାଉଥିବାବେଳେ ୧୧ ଦିନାତ୍ମକ ମହୋତ୍ସବରେ ଚମକ ଭରିଛି ଚାନ୍ଦିମେଢ଼।**

(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୦।୧୦

- ଅଳଙ୍କାରରେ ବିମଣ୍ଡିତ ମା' ମହାଲକ୍ଷ୍ମୀ
- ଆଖି ଝଲସାଉଛି ସୁବର୍ଣ୍ଣ ଆଭୂଷଣ
- ୫ ପୂଜା ପ୍ରତିଷ୍ଠାନରେ ରୁପା ତାରକସି ମେଢ଼

ଆରମ୍ଭ ହୋଇଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ପବିତ୍ର କୁମାରପୂର୍ଣ୍ଣିମା ରାତିରେ ଧରାବତରଣ କରିଛନ୍ତି ଧନଦାତ୍ରୀ। ବେଦମନ୍ତ୍ର ଧ୍ୱନିରେ ମଣ୍ଡପରେ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବାବେଳେ ଆକର୍ଷଣ ସାଜିଛି ମା'ଙ୍କ ସୁବର୍ଣ୍ଣ ଆଭୂଷଣ। ସହରର ପ୍ରଥମ ମେଢ଼ ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର, ଗୁଡ଼ିଆନାଳୀ, କୈବଲ୍ୟ ବଜାର, ଗଣେଶ ବଜାର, ଲକ୍ଷ୍ମୀ ବଜାର ପକ୍ଷରୁ ଚିତ୍ତାକର୍ଷକ ତାରକସି ରୂପା ମେଢ଼ ଦେଖିବାକୁ ପ୍ରଥମ ଦିନରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବିପୁଳ ଉତ୍କଣ୍ଠା।

ଐତିହ୍ୟ, ପରମ୍ପରାକୁ ନେଇ ସମୃଦ୍ଧ ଢେଙ୍କାନାଳ ଲକ୍ଷ୍ମୀପୂଜାରେ ମା'ଙ୍କ ଅଳଙ୍କାର ବିନ୍ୟାସ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଆସିଛି। ପ୍ରତିଯୋଗିତାମୂଳକ ପୂଜାରେ ପ୍ରାୟ ସମସ୍ତ ପୂଜା ପ୍ରତିଷ୍ଠାନ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରୁଥିବାବେଳେ ଦେବୀଙ୍କ ନିକଟରେ ଲାଗି ହେଉଥିବା ସୁନାରୁପା ଅଳଙ୍କାରର ଗୁରୁତ୍ୱ ମଧ୍ୟ ସମୟକ୍ରମେ ବଢ଼ିଛି। ମିନାବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ସର୍ବପ୍ରଥମେ ଆରମ୍ଭ ହୋଇଥିଲା ଚାନ୍ଦିମେଢ଼ ପରମ୍ପରା। ତେବେ ଏକ ଅସ୍ୱାଭାବିକ ଘଟଣାକ୍ରମେ ୧୯୭୫ରେ ସୂକ୍ଷ୍ମ କାରୁକାର୍ଯ୍ୟଯୁକ୍ତ ଉକ୍ତ ଚାନ୍ଦିମେଢ଼ ଚୋରି ହୋଇଯାଇଥିଲା। ଏହାର ଦୀର୍ଘଦିନ ପରେ ୨୦୦୪ରେ ପୁନର୍ବାର ୧୬୦ କେଜି ଚାନ୍ଦିରେ ପୁଣି ମେଢ଼ ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଚାନ୍ଦି କିଲୋଗ୍ରାମ୍ ପିଛା ୩୦ ହଜାର ଟଙ୍କା ଥିଲା। ତଦନୁଯାୟୀ ଉକ୍ତ ମେଢ଼ରେ ସେହି ସମୟରେ ଖର୍ଚ୍ଚ ହୋଇଥିଲା ପ୍ରାୟ ୫୦ ଲକ୍ଷ ଟଙ୍କା। ତେବେ ୨୦୧୦ରେ ପ୍ରତିଷ୍ଠାନ ଆଉ ଏକ ପାଦ ଆଗକୁ ଯାଇ ମା'ଙ୍କ ପାଇଁ ଦେଢ଼ କିଲୋଗ୍ରାମ ଓଜନର ସୁନା ମୁକୁଟ ତିଆରି କରିଥିଲା। ଚଳିତବର୍ଷ ୨ଟି ସୁନା ମୟୂର ମା'ଙ୍କ ଶୋଭା ବଢ଼ାଉଛନ୍ତି।


ଗଣେଶ ବଜାର ପୂଜା ପ୍ରତିଷ୍ଠାନ।


**ପ୍ରତିବର୍ଷ କିଛି ନୂଆ ଅଳଙ୍କାର ଲାଗି ହେଉଛି**
୧୯୭୪ରେ ମିନାବଜାର ପୂଜା ପ୍ରତିଷ୍ଠାନ ଚାନ୍ଦିମେଢ଼ କରିଥିଲା। ତେବେ ୧୯୭୫ରେ ତାହା ଚୋରି ହୋଇଗଲା। ୨୦୦୪ରୁ ନିୟମିତ ମା' ଚାନ୍ଦିମେଢ଼ରେ ଦର୍ଶନ ଦେଉଛନ୍ତି। ପ୍ରତିବର୍ଷ ମା' ଲକ୍ଷ୍ମୀଙ୍କ ନିକଟରେ କିଛି ନା କିଛି ସୁନା ଅଳଙ୍କାର ଲାଗି ହୋଇଥାଏ।
**-ନିରୋଦ କୁମାର ସାହୁ, କାର୍ଯ୍ୟକାରୀ ସଭାପତି, ମିନାବଜାର**


**ଚଳିତବର୍ଷ ଉଚ୍ଚମାନର ସାଜସଜ୍ଜା ହୋଇଛି**
୨୦୧୮ରୁ ଗୁଡ଼ିଆନାଳୀ ପୂଜା ମଣ୍ଡପ ପକ୍ଷରୁ ଚାନ୍ଦିମେଢ଼ କରାଯାଉଛି। ରୁପାଖଚିତ ଆକର୍ଷଣୀୟ ମେଢ଼ ଦେଖିବାକୁ ଲୋକମାନେ ଆଗ୍ରହୀ ହେଉଛନ୍ତି। ସେଥିପାଇଁ ଚଳିତବର୍ଷ ଉଚ୍ଚମାନର ସାଜସଜ୍ଜା କରାଯାଇଛି।
**-ପ୍ରଦୀପ କୁମାର ମହାନ୍ତି, ସଭାପତି, ଗୁଡ଼ିଆନାଳୀ ପୂଜା କମିଟି**


**ମା'ଙ୍କ ସୁନା ମୁକୁଟ ଆକର୍ଷଣୀୟ ହୋଇଛି**
ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବିଲି ପାଳନ କରୁଛି। ପୂଜା କମିଟି ପକ୍ଷରୁ ପ୍ରଥମ ଥର ମା'ଲକ୍ଷ୍ମୀଙ୍କ ଚାନ୍ଦି ମେଢ଼ କରାଯାଇଛି। ମା'ଙ୍କ ସୁବର୍ଣ୍ଣ ମୁକୁଟ, ଅଳଙ୍କାର ମଧ ବେଶ୍ ଆକର୍ଷଣୀୟ ହୋଇଛି।
**-ରଙ୍ଗାଧର ପାତ୍ର, କାର୍ଯ୍ୟକାରୀ ସଭାପତି, ଲକ୍ଷ୍ମୀବଜାର**

ସେହିପରି ୨୦୧୫ରେ ଚାନ୍ଦିମେଢ଼ କ୍ଲବରେ ସାମିଲ ହୋଇଥିଲା କୈବଲ୍ୟ ବଜାର। ମା' ପଦ୍ମାଳୟାଙ୍କ ଲାଗି ୧୨୦ କିଲୋଗ୍ରାମ ଓଜନର ଚାନ୍ଦିମେଢ଼ ଏବଂ ୧ କିଲୋଗ୍ରାମ ଓଜନର ସୁନା ମୁକୁଟ ତିଆରି କରାଯାଇଥିଲା। ୨୦୧୮ରେ ଗୁଡ଼ିଆନାଳି ପୂଜା ପ୍ରତିଷ୍ଠାନ ପକ୍ଷରୁ ୧୨୦ କେଜି ଏବଂ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ୩ କୁଇଣ୍ଟାଲ ଚାନ୍ଦିରେ ମେଢ଼ ନିର୍ମାଣ କରାଯାଇଥିଲା। ଏଥିସହ ଉଭୟ ପୂଜା ମଣ୍ଡପରେ ସ୍ୱତନ୍ତ୍ର ଭାବେ ସୁବର୍ଣ୍ଣ ଅଳଙ୍କାର ପ୍ରସ୍ତୁତ କରାଯାଇଛି। ଆଗାମୀ ବର୍ଷ ଗଣେଶ ବଜାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବିଲି ଉତ୍ସବ ପାଳନ କରିବ। ଏଥିଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନୁରୂପ ଭାବେ ଚଳିତ ବର୍ଷ ୭୫ବର୍ଷ ପୂର୍ତ୍ତି ପାଳନ କରୁଥିବା ଲକ୍ଷ୍ମୀବଜାର ପ୍ରତିଷ୍ଠାନ ପକ୍ଷରୁ ପ୍ରାୟ ଦେଢ଼ କୁଇଣ୍ଟାଲ ଚାନ୍ଦିରେ ମେଢ଼ ପ୍ରସ୍ତୁତ କରାଯାଇଛି। ସୁବର୍ଣ୍ଣ ମୁକୁଟ, ନାନାଦି ଅଳଙ୍କାରରେ ମା' ଝଟକୁଛନ୍ତି। ପୂଜା ପେଣ୍ଡାଲଗୁଡ଼ିକୁ ଲଗାଯାଇଥିବା ରଙ୍ଗିନ ଆଲୋକମାଳାରେ ଚମକି ଉଠୁଥିବା ଅଳଙ୍କାର ମନମୋହୁଛି। ବର୍ଷାପାଗ ସତ୍ତ୍ୱେ ସନ୍ଧ୍ୟା ଦର୍ଶନ କରିବା ଲାଗି ମଣ୍ଡପରେ ସୋମବାର ପ୍ରବଳ ଭିଡ଼ ହୋଇଥିଲା। ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯିବା ସହ ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ୬୮ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ, ୯।୧୦

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ। ପଞ୍ଜୀକୃତ ହୋଇଥିବା ମୋଟ ୮୨ ଅଭିଯୋଗ ମଧ୍ୟରୁ ୭୪ ବ୍ୟକ୍ତିଗତ, ୫ ଗ୍ରାମ ସମସ୍ୟା, ଗୋଟିଏ ମୁଖ୍ୟମନ୍ତ୍ରୀ ପାଣ୍ଠି ଏବଂ ୨ଟି ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଲାଗି ଆବେଦନ ରହିଥିଲା। ୬୮ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

# ଖୋଲାକୂଅ ନେଲା ଶିଶୁକନ୍ୟା ଜୀବନ

ପରଜଙ୍ଗ, ୧୦।୧୦(ଡି.ଏନ୍.ଏ.)

ସାଙ୍ଗସାଥୀଙ୍କ ସହ ଖେଳୁଥିବାବେଳେ ଖୋଲାକୂଅରେ ଖସିପଡ଼ି ଜଣେ ୭ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଙ୍କିଳି ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତ ନାବାଳିକା ହେଲେ ବୁଦ୍ଧୁ କଡ଼ାଙ୍କ ଝିଅ ସୁଷମା। ପରିବାର ଲୋକଙ୍କ କହିବା କଥା, ରବିବାର କୁମାରପୂର୍ଣ୍ଣିମା ଥିବାରୁ ସୁଷମା ସାଙ୍ଗସାଥୀଙ୍କ ସହ ଖେଳିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ସୋମବାର ସକାଳେ ପୁଣି ଥରେ ଖୋଜାଖୋଜି କରିବା ବେଳକୁ ସାହି ନିକଟ ଏକ ଖୋଲାକୂଅରୁ ସୁଷମାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଠାବ କରିଥିଲେ। ପରଜଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୁଷମାଙ୍କ ଏଭଳି ଅକାଳ ବିୟୋଗ ପରିବାର ପାଇଁ ଶକ୍ତ ଧକ୍କା ହୋଇଥିବାବେଳେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନ୍ୟାୟ ଦାବିରେ ଥାନା ଘେରାଉ

ସାତମାଇଲ, ୧୦।୧୦(ଡି.ଏନ୍.ଏ.)

**ରହସ୍ୟ ଘେରରେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ**

ହିନ୍ଦୋଳ ବ୍ଲକ ବାଲିମୀସ୍ଥିତ କ୍ୟାପିଟାଲ ଟ୍ରଷ୍ଟ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଏଜେଣ୍ଟ ତଥା ଖୋର୍ଦ୍ଧା ଜିଲା ମୁକ୍ତାପୁର ଅଞ୍ଚଳର ଅଜିତ ମହାପାତ୍ର (୨୪)ଙ୍କ ସନ୍ଦେହଜନକ ମୃତ୍ୟୁ ଉପରୁ ରହସ୍ୟ ଖୋଲୁନାହିଁ। ପୁଅର ଏଭଳି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନ ଥିବା ପରିବାର ଲୋକେ ନ୍ୟାୟ ଦାବିରେ ସୋମବାର ଅପରାହ୍ନ ୨ଟାରୁ ରାତି ୭ଟା ଯାଏ ଥାନା ଘେରିଥିଲେ। ଥାନାଧିକାରୀଙ୍କ ପକ୍ଷରୁ ନିରପେକ୍ଷ ତଦନ୍ତର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଅଜିତ୍ ୩ ବର୍ଷ ହେଲା ସମ୍ପୃକ୍ତ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତମାସ ୨୦ ତାରିଖରେ ସେ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ସହକର୍ମୀମାନେ ସୂଚନା ଦେଇଥିଲେ। ଘର ଲୋକେ ପହଞ୍ଚି ବାଲିମୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ହସ୍ତାନ୍ତର କରିଥିଲା। ତେବେ ଅଜିତ୍‌ଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବାପା ରାମଚନ୍ଦ୍ର ମହାପାତ୍ର। ତାଙ୍କ କହିବା କଥା, ଯଦି ପୁଅ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ ; ତେବେ ତାଙ୍କ ମୃତଦେହକୁ ଡାକ୍ତରଖାନା ନେବା ବଦଳରେ କାହିଁକି ବାରଣ୍ଡାରେ ଶୁଆଇ ଦିଆଯାଇଥିଲା। ତେଣୁ ଏଥିରେ ନିଶ୍ଚୟ କିଛି ରହସ୍ୟ ରହିଛି। ପୋଲିସ ନିରପେକ୍ଷ ତଦନ୍ତ କଲେ ଏହାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ରାମଚନ୍ଦ୍ର କହିଛନ୍ତି। ଅପରପକ୍ଷେ ପୋଲିସ ମୃତ ଯୁବକଙ୍କ ପରିବାରକୁ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରିବା ସତ୍ତ୍ୱେ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ ପରିବାର ସଦସ୍ୟ। ସେମାନେ ଏହାକୁ ସନ୍ଦେହ କରିବା ସହ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏଥିସହ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କ ଲାଇ ଡିଟେକ୍ଟ ଟେଷ୍ଟ କରିବା, ଉପଯୁକ୍ତ ଅନୁସନ୍ଧାନ କରି କମ୍ପାନୀଠାରୁ କ୍ଷତିପୂରଣ ପ୍ରଦାନ ଦିଗରେ ସହାୟତା କରିବାକୁ ସେମାନେ ଦାବି କରିଛନ୍ତି। ପୋଲିସ ଦାବିପତ୍ର ଗ୍ରହଣ କରି ନିର୍ଭର ପ୍ରତିଶ୍ରୁତି ଦେବାପରେ ପରିବାର ଲୋକ ଧାରଣାରୁ ଓହରିଥିଲେ।


ଥାନା ଆଗରେ ପ୍ରତିବାଦ କରୁଛନ୍ତି ମୃତ ଅଜିତଙ୍କ ପରିବାର ସଦସ୍ୟ ଏବଂ ସମ୍ପର୍କୀୟ।

# 'ଆଦିଶକ୍ତିଙ୍କଠାରୁ ଆରମ୍ଭ କରି ବ୍ରହ୍ମାଣ୍ଡର ସବୁ ହିଁ ଜଗନ୍ନାଥ'

**ଲକ୍ଷ୍ମୀବଜାର ପ୍ଲାଟିନମ୍ ଜୁବିଲି ଜୟନ୍ତୀ ସମାରୋହ ଉଦ୍‌ଘାଟିତ**

ଢେଙ୍କାନାଳ ଅଫିସ, ୧୦।୧୦

ଆମେ ଯେଉଁ ଆଦିଶକ୍ତି କିମ୍ବା ମା' ଲକ୍ଷ୍ମୀଙ୍କୁ ପୂଜା କରୁଛେ, ତାଙ୍କଠାରୁ ଆରମ୍ଭ କରି ସୃଷ୍ଟିର ସବୁ ହିଁ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ଆଜିର ଯୁଗରେ ଆମ ଦେଶ ତଥା ଉତ୍କଳ ପ୍ରଦେଶର ଛୋଟ ପିଲାଙ୍କଠାରୁ ବଡ଼ ପର୍ଯ୍ୟନ୍ତ ଆମେ ସମସ୍ତେ ଜଗନ୍ନାଥଙ୍କ ଶରଣରେ ରହିଛେ। ପ୍ରକୃତି, ପରିବେଶ ହିଁ ମହାପ୍ରଭୁ ଜଗନ୍ନାଥ। କିଛି ପାଶ୍ଚାତ୍ୟ ଦେଶ ନିଜର ସଂସ୍କୃତି ଏବଂ ଐତିହ୍ୟକୁ ଭୁଲିଯାଇ ଅଂହକାରକୁ ନେଇ ନିଜ ନିଜ ଭିତରେ ଲଢ଼ିବା ଆରମ୍ଭ କରିଛନ୍ତି। ଏସବୁ ହିଁ ସେମାନଙ୍କ ବିନାଶର କାରଣ ହେବ। ମହାଭାରତ ଯୁଦ୍ଧ ସମୟରେ ଅର୍ଜୁନ ସମ୍ମୁଖରେ ନିଜର ଗୁରୁଜନଙ୍କୁ ଦେଖି ଯେତେବେଳେ ବିଷାଦଗ୍ରସ୍ତ ହୋଇଥିଲେ, ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ କହିଥିଲେ ଆଜି ସୃଷ୍ଟିରେ ତୁମେ ଯାହା ଦେଖୁଛ ସେ ସବୁ ହିଁ 'ମୁଁ'। ତେଣୁ ଆମେ ଆମର ପରମ୍ପରା, ସଂସ୍କୃତି ଓ ଐତିହ୍ୟର ମାର୍ଗଦର୍ଶନରେ ଆଗକୁ ବଢ଼ିବା ବୋଲି ଆହ୍ୱାନ ଦେଇଛନ୍ତି ରାଜ୍ୟପାଳ ଗଣେଶୀ ଲାଲ୍। ଢେଙ୍କାନାଳ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ସନ୍ଧ୍ୟାରେ ଆୟୋଜିତ ପ୍ଲାଟିନମ୍ ଜୁବିଲି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର କୁମାର ସାମଲ କହିଲେ, ପରମ୍ପରା ଓ ଭାଇଚାରାର ପ୍ରତୀକ ଲକ୍ଷ୍ମୀପୂଜା ଏକ ନିଆରା ଉତ୍ସବ। ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ୭୫ବର୍ଷ ପୂର୍ତ୍ତି ପାଳନ କରିବା ଖୁସିର ବିଷୟ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂଜା ପ୍ରତିଷ୍ଠାନର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲ ଉତ୍ସବରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ମରଣିକା 'ପଦ୍ମାଳୟା' ଉନ୍ମୋଚିତ ହୋଇଥିଲା। ପୂଜା ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟପାଳଙ୍କୁ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା। ସମ୍ପାଦକ ସତ୍ୟସ୍ୱରୂପ ଦାସ ବିବରଣୀ ପାଠ କରିଥିବାବେଳେ ସଂଯୋଜକ ପଦ୍ମଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏଥିପୂର୍ବରୁ ରାଜ୍ୟପାଳ ବିଭିନ୍ନ ପୂଜା ମଣ୍ଡପ ବୁଲି ମା'ଙ୍କ ସନ୍ଧ୍ୟା ଦର୍ଶନ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଭାକର ବେହେରା, ରଙ୍ଗାଧର ପାତ୍ର, ସମ୍ପାଦକ ରବିନାରାୟଣ ବେହେରା, ମାୟାଧର ପାତ୍ର, ଉପସଭାପତି ରାଜେଶ ସୋନି, ଦେବାଶିଷ ବେହେରା ପ୍ରମୁଖଙ୍କ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହରେ ସ୍ମରଣିକାକୁ ଉନ୍ମୋଚନ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ନିକଟରେ ଅଛନ୍ତି ବିଧାୟକ ସୁଧୀର କୁମାର ସାମଲ, ଅନୁଷ୍ଠାନର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲ ଓ ସମ୍ପାଦକ ସତ୍ୟସ୍ୱରୂପ ଦାସ।

## ସଂକ୍ଷେପରେ

### ଉଗ୍ରସେନଙ୍କ ନଗର ପରିଭ୍ରମଣ

**ମାଧପୁର,୧୦।୧୦:** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁରଠାରେ ଧୁମ୍‌ଧାମରେ ଲକ୍ଷ୍ମୀ ପୂଜା ପାଳନ ହେଉଛି। ବିଶେଷକରି ଚୌରାଶୀ ମହାଲକ୍ଷ୍ମୀ ପୂଜାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକର୍ଷିତ କରୁଛି। ରବିବାର ଚୌରାଶୀ ମହାଲକ୍ଷ୍ମୀ ପୂଜାର ପ୍ରଥମ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂଜା ଦେଖିବାକୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦୀର୍ଘ ସମୟ ଧରି ମେଡୋଲି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସେହିପରି ସୋମବାର ଚୌରାଶୀ ଲକ୍ଷ୍ମୀ ପୂଜାର ଦ୍ୱିତୀୟ ସନ୍ଧ୍ୟାରେ ମହାରାଜା ଉଗ୍ରସେନଙ୍କ ଦରବାର ଅନୁଷ୍ଠିତ ହୋଇଥିଲା। ରାଜା ଉଗ୍ରସେନ ହାତୀ ପିଠିରେ ବସି ନଗର ପରିକ୍ରମା କରି ମହାଲକ୍ଷ୍ମୀଙ୍କ ଦର୍ଶନ ସାରି ରାଜ ଦରବାରରେ ପହଞ୍ଚିଥିଲେ। ଉକ୍ତ କଦରବାରରେ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଉପାଧକ୍ଷା ମମତା ମହାଖୁଡ, ଜିଲାପରିଷଦ ସଦସ୍ୟା ରଶ୍ମିରେଖା ମାହାର, ମାଧପୁର ସରପଞ୍ଚ ସନ୍ତୋସିନୀ ମହାଖୁଡ, ଲୁଣହାଣ୍ଡି ସରପଞ୍ଚ ଅରୂପା ଚାନ୍ଦ, ପୁରୁଣାମାଣତ୍ରି ସରପଞ୍ଚ ମମତା ପାତ୍ର, କନ୍ଧପଡ଼ା ସରପଞ୍ଚ ରଞ୍ଜିତା ପ୍ରଧାନ ଏବଂ ନଅଗାଁ ସରପଞ୍ଚ ସ୍ନିଗ୍ଧା ଦେହୁରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦେଖିବାକୁ ଶତାଧିକ ଦର୍ଶକଙ୍କ ଗହଳି ଲାଗିଥିଲା ଦେଖିବାକୁ ମିଳିଥିଲା।

# ଆନନ୍ଦ ଦେଉଛି ଆଡ଼ମ୍ବର

**ଦୂରେଇ ଯାଇଛି ୨ ବର୍ଷ ଧରି ଥିବା କୋଭିଡ୍‌ଜନିତ ନିରାଶାର କଳା ବାଦଲ। ନୂଆ ଆଶା, ଉଦ୍ଦୀପନା, ଉତ୍ସାହ ନେଇ ପୂଜା ବୁଲୁଛନ୍ତି ବଇଣ୍ଡା ଅଞ୍ଚଳବାସୀ। ସବୁଠି ଭକ୍ତିମୟ ପରିବେଶ। ଆଶ୍ୱସ୍ତିର ବାତାବରଣ।**



**ବଇଣ୍ଡା, ୧୦।୧୦ (ଡି.ଏନ.ଏ.)**

- ବଇଣ୍ଡା ଲକ୍ଷ୍ମୀପୂଜାରେ ବଢ଼ୁଛି ଭିଡ଼
- ମେଳା ବୁଲି ମଜା ଉଠାଉଛନ୍ତି ଲୋକେ
- ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଆଗ୍ରହ

ମଣ୍ଡପରେ ବିରାଜମାନ କରିଛନ୍ତି ମା' ଲକ୍ଷ୍ମୀ। ଆକର୍ଷଣୀୟ ହୋଇଛି ସାଜସଜା। ସକାଳୁ ରାତି ଯାଏ ଦର୍ଶନ ପାଇଁ ଜମୁଛି ଗହଳି। ଉଠା ଦୋକାନରେ ବିକ୍ରି ହେଉଛି ଭଳି କି ଭଳି ଖାଦ୍ୟ ସାମଗ୍ରୀ। ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନରେ ବଢ଼ୁଛି ଭିଡ଼। କରୋନା ପାଇଁ ଗତ ୨ ବର୍ଷ ଧରି ନିରାଡ଼ମ୍ବରରେ ଲକ୍ଷ୍ମୀପୂଜା ପାଳନ କରିଥିବା ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାବାସୀ ଏଥର ମହା ଆଡ଼ମ୍ବରକୁ ନେଇ ବେଶ୍ ଆନନ୍ଦିତ।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଆଠମଲ୍ଲିକ ଉପଖଣ୍ଡରେ ମା' ଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମରେ ପାଳନ କରାଯାଏ। ବିଶେଷକରି କିଶୋରନଗର ବ୍ଲକରେ ୨୦ରୁ ଅଧିକ ମଣ୍ଡପରେ ମା'ଙ୍କୁ ଆରାଧନା କରାଯାଏ। ସେହିପରି ଆଠମଲ୍ଲିକ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଆକର୍ଷଣୀୟ ପୂଜା ଆୟୋଜନ କରାଯାଇଥାଏ। ହେଲେ ମହାମାରୀ କୋଭିଡ୍ ଯୋଗୁ ୨୦୨୦ ଓ ୨୦୨୧ ମସିହାରେ ଉପଖଣ୍ଡରେ ଲକ୍ଷ୍ମୀ ପୂଜା ସମ୍ପୂର୍ଣ୍ଣ ଫିକା ପଡ଼ିଯାଇଥିଲା। କେବଳ ରୀତିନୀତିରେ ପୂଜା ସୀମିତ ରହିଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ମଣ୍ଡପ ମନା ଥିଲା। ଏହାକୁ ନେଇ ୨ ବର୍ଷ ଧରି ନିରାଶ ହୋଇଥିବା ଅଞ୍ଚଳବାସୀ ଏଥର ପୂଜା ବୁଲିବାର ସୁଯୋଗ ପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। କିଶୋରନଗର ବ୍ଲକର ବଇଣ୍ଡାସ୍ଥିତ କଦଳୀମୁଣ୍ଡା ଫ୍ରେଣ୍ଡସ କ୍ଲବ, ବଇଣ୍ଡା ବସ୍‌ଷ୍ଟାଣ୍ଡ ପୂଜା କମିଟି, ବୈଷ୍ଣବସାହି, ଆନନ୍ଦମୁଣ୍ଡା, ନୁନୁକାପଶି, ବାପୁଜୀ କ୍ଲବ, ଇଚ୍ଛାପୁର, ବାଦିବାହାଳ, ଲୁହାମୁଣ୍ଡା, ହଣ୍ଡପା, ନାକିଚି, ତୁରୁଡ଼ା, ଧଡରପାଳ, ଖଣ୍ଡହତା, ସଞ୍ଜାମୁରା ଏବଂ ଆଠମଲ୍ଲିକ ବ୍ଲକର ଠାକୁରଗଡ଼, ମାଧପୁର, ସିମିଳିଆ ଆଦି ଅଞ୍ଚଳ ପୂଜା ପାଇଁ ଉତ୍ସବମୁଖର ହୋଇପଡ଼ିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଏଠାରେ ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସାଜସଜା କରାଯାଇଛି। ବିଭିନ୍ନ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ଭକ୍ତମାନଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି। ଫଳରେ ଦେବୀଙ୍କ ଦର୍ଶନ ସହିତ ଅନ୍ନ ପ୍ରସାଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଲୋକଙ୍କ ଭିତରେ ଅତ୍ୟନ୍ତ ଆଗ୍ରହ ରହିଥିବା ଦେଖିବାକୁ ମିଳୁଛି।

### ୨ ବର୍ଷ ପରେ ମିଳିଲା ଦର୍ଶନ



କରୋନା ପାଇଁ ୨ ବର୍ଷ ହେଲା ମା'ଙ୍କ ପୂଜା ନିରାଡ଼ମ୍ବର ଥିଲା। ସାଜସଜା ମଧ ହୋଇ ନ ଥିଲା। ମଣ୍ଡପରେ ମା' ଅବସ୍ଥାନ କରିଥିଲେ ମଧ ଦର୍ଶନର ସୁଯୋଗ ମିଳି ନ ଥିବାରୁ ନିରାଶ ହେବାକୁ ପଡ଼ିଥିଲା। ହେଲେ ଚଳିତବର୍ଷ ଆଡ଼ମ୍ବରରେ ପୂଜା ପାଳନ କରାଯିବା ସହ ଦର୍ଶନ ଲାଭ କରିପାରି ଥିବାରୁ ନିଜକୁ ସୁଖୀ ମଣୁଛୁ।

-ଶୁଭଶ୍ରୀ ପ୍ରଧାନ

### ପୂଜାରେ ସାମିଲ ହୋଇଥିବାରୁ ଖୁସି



ନୁନୁକାପଶି ପଞ୍ଚାୟତ ବୈଷ୍ଣବସାହିରେ ଧୁମ୍‌ଧାମରେ ପୂଜା ପାଳନ ହେଉଛି। ଯୁବଗୋଷ୍ଠୀଙ୍କ ପକ୍ଷରୁ ଆକର୍ଷଣୀୟ ଆୟୋଜନ କରାଯାଇଥିବାରୁ ସାହିରେ ଆନନ୍ଦଉଲ୍ଲାସ ଦେଖାଦେଇଛି। ଏଠାରେ ଦୈନିକ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଉଛି। ପୂଜାରେ ସାମିଲ ହୋଇପାରିଥିବାରୁ ଖୁସି ଲାଗୁଛି।

-ସଂଘମିତ୍ରା ମିଶ୍ର

### ଏକାଠି ବସି ପ୍ରସାଦ ଖାଇଲୁ



ବଇଣ୍ଡା ବସ୍‌ଷ୍ଟାଣ୍ଡରେ ଏଥର ୬ ଫୁଟ ଉଚ୍ଚତାର ମା'ଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି। ଲକ୍ଷାଧିକ ଟଙ୍କା ବଜେଟ୍ ରଖାଯାଇଥିବାରୁ ପୂଜା ସମସ୍ତଙ୍କ ମନକୁ ଛୁଇଁପାରିଛି। ବସ୍‌ଯାତ୍ରୀଙ୍କ ସହ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ପ୍ରଦାନ କରାଯାଉଛି। ପୂର୍ବପରି ଏକାଠି ବସି ମା'ଙ୍କ ପ୍ରସାଦ ସେବନ କରିପାରିଥିବାରୁ ନିଜକୁ ଧନ୍ୟ ମନେ କରୁଛି।

-ରିନାବତୀ ସାହୁ

### ପରିବାର ସହ ପୂଜାର ମଜା ନେଉଛୁ



କରୋନା ଯୋଗୁ ୨ ବର୍ଷ ହେଲା ଗହଳିକୁ ଅନୁମତି ନ ଥିଲା। ତେଣୁ ପରିବାର ସହ ଏକାଠି କେଉଁ ସ୍ଥାନକୁ ଯିବାକୁ ଭୟ ଲାଗୁଥିଲା। ହେଲେ ମହାମାରୀର ପ୍ରକୋପ ଆଉ ପୂର୍ବପରି ନ ଥିବାରୁ ଏଥର ଧୁମ୍‌ଧାମରେ ପୂଜା ପାଳନ ହେଉଥିବା ବେଳେ ପରିବାର ସହ ମଣ୍ଡପ ବୁଲିବାର ମଜା ନେଉଛୁ।

-ପୁଷ୍ପାଞ୍ଜଳି ପଟ୍ଟନାୟକ

### ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି



କରୋନା ସମୟରେ ପୂଜା କେବଳ ପରମ୍ପରାରେ ସୀମିତ ଥିଲା। ଗହଳି ଚହଳି ନ ଥିବାରୁ ମଣ୍ଡପ ଖାଁ ଖାଁ ଲାଗୁଥିଲା। ହେଲେ ଚଳିତବର୍ଷ ଆଡ଼ମ୍ବରରେ ପୂଜା ପାଳନ କରାଯିବା ସହ ଭିଡ଼ ବଢୁଥିବାରୁ ଚାରିଆଡ଼େ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବିଶେଷକରି ସନ୍ଧ୍ୟା ଆଳତି ବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

-ପ୍ରଦୀପ କୁମାର ମହାପାତ୍ର

### ନିଆରା ଲାଗୁଛି ପୂଜା



କରୋନାକୁ ନେଇ ଥିବା ଭୟ ଯେ ଦିନେ ଦୂରେଇ ଯିବ ଓ ସମସ୍ତେ ମିଶି ପୂର୍ବପରି ଭିଡ଼ ଭିତରେ ବୁଲି ପୂଜା ଦେଖିବୁ ତାହା ଭାବିଲା ବେଳକୁ ସହଜରେ ବିଶ୍ୱାସ କରିହେଉନି। ପିଲାମାନେ ଏହାକୁ ନେଇ ଅଧିକ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ସେଥିପାଇଁ ଚଳିତପୂଜା ବେଶ୍ ନିଆରା ଲାଗୁଛି।

-ରୁପେଶ ଚନ୍ଦ୍ର ପ୍ରଧାନ



ଅନୁଗୋଳ ଡେଲି ମାର୍କେଟରେ ମା' ମହାଲକ୍ଷ୍ମୀଙ୍କ ପୂଜା।



ଅନୁଗୋଳ ବସ୍‌ଷ୍ଟାଣ୍ଡ ପୂଜା କମିଟି ମେଢ଼।



ଅନୁଗୋଳ ଗାନ୍ଧୀ ଛକରେ ମା' ଲକ୍ଷ୍ମୀଙ୍କ ମେଢ଼।



ଅନୁଗୋଳ କାଞ୍ଚନ ବଜାର ପୂଜା କମିଟି ମେଢ଼।



ଅନୁଗୋଳ ମାଛ ମାର୍କେଟରେ ମା' ଲକ୍ଷ୍ମୀ।



ଅନୁଗୋଳ ଶାନ୍ତି ବଜାର ପୂଜା କମିଟି ମେଢ଼।



ଅନୁଗୋଳ ଅମଲାପଡ଼ା ପୂଜା କମିଟି ମେଢ଼। (ଫଟୋ- ବୁବୁ)



ବଇଣ୍ଡା ବସ୍‌ଷ୍ଟାଣ୍ଡ ପୂଜା କମିଟି ମେଢ଼।



ବଇଣ୍ଡା ବୈଷ୍ଣବ ସାହି ପୂଜା ମେଢ଼।



ବଇଣ୍ଡା ଅଞ୍ଚଳ ନାକିଚିସ୍ଥିତ ଲକ୍ଷ୍ମୀ ପୂଜା।



ମାଧପୁରସ୍ଥିତ ଚୌରାଶୀ ଲକ୍ଷ୍ମୀ ପୂଜା ଦ୍ୱିତୀୟ ସନ୍ଧ୍ୟାରେ ହାତୀ ପିଠିରେ ରାଜା ଉଗ୍ରସେନ।

## ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,୧୦।୧୦(ଡି.ଏନ.ଏ.)-ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୪୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠେଲକନାଳୀ ଗ୍ରାମର ପଦ୍ମିନୀ ମୁଣ୍ଡା, ଉର ମୁଣ୍ଡା, ଶରଧାମୁଣ୍ଡା ଗ୍ରାମର ଦୟା ପ୍ରଧାନ, ନାଗାଝରଣ ଗ୍ରାମର କବିତା ବେହେରାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଉଭୟ ଟିମ୍ ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ତାମଡା ଅଧକ୍ଷ



ଅନୁଗୋଳ ଅଫିସ, ୧୦।୧୦: ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ଅଧକ୍ଷ ପଦରେ ନିଯୁକ୍ତି ପାଇଥିବାରୁ ଅନୁଗୋଳ ଜିଲାର ବିଜେଡି ନେତା ଅବନୀକାନ୍ତ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି। ତାମଡା ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ପଦକ୍ଷେପ ନେବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ନୂଆ ଅଧକ୍ଷ ସାହୁ ପ୍ରକାଶ କରିଛନ୍ତି। ଏହି ନୂଆ ଦାୟିତ୍ୱ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସହ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଢେଙ୍କାନାଳ ଏମ୍ପି ମହେଶ ସାହୁ, ଜିଲାର ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ୬ ମାସ ପରେ ୩ ଅଭିଯୁକ୍ତ ଗିରଫ

କଣିହାଁ,୧୦।୧୦(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ପୋଲିସ ୬ ମାସ ତଳର ଏକ ଲୁଟ୍ ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲା ଅଡବା ଥାନା ଆଲିଗଣ୍ଡା ଗ୍ରାମର ଅମିତ ନାଏକ, ଗୁଣ୍ଡିମା ଗ୍ରାମର ବିରାଟ ଶବର ଏବଂ ସୁଶାନ୍ତ ଶବର। ଦୁଇଦିନ ତଳେ ସମଲ ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଜପତି ଜିଲାରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, ଏକ ବିସ୍କୁଟ୍ ସପ୍ଲାଇ କମ୍ପାନୀର କର୍ମଚାରୀ ଟଙ୍କା ଧରି ଭୁବନେଶ୍ୱର ଅଭିମୁଖେ ଫେରୁଥିବା ସମୟରେ କଣିହାଁ ଶରଧାପୁର ନିକଟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୧ ଲକ୍ଷ ୧୧ ହଜାର ୬୬୦ ଟଙ୍କା ଲୁଟି ନେଇଥିଲେ। ଏ ନେଇ କମ୍ପାନୀର ସୁପରଭାଇଜର ସତ୍ୟବ୍ରତ ଖଡିରତ୍ନ ଗତ ଏପ୍ରିଲ ୧୭ରେ ସମଲ ଥାନାରେ ଅଭିଯୋଗ କରିଥିଲେ।

### ପୁତୁରାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୦।୧୦(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୋଳିଆ ଗ୍ରାମର ବଳ ଦେହୁରୀଙ୍କୁ ତାଙ୍କ ଦାଦା ଲମ୍ବୋଦର ଦେହୁରୀ ମାଡ଼ ମାରିବା ସହ କାନକୁ କାମୁଡି ଦେଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୭୧/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ଏହି ଘଟଣାକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ବଳ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ‘ନୃତ୍ୟସଙ୍ଗୀତରେ ରହିଛନ୍ତି ଭଗବାନ’

### ନଟରାଜ କୁମାରୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ‘ନଟରାଜ ସଙ୍ଗୀତ ମହାବିଦ୍ୟାଳୟ’ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୩୭ତମ କୁମାରୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ୍ କହିଲେ, ଯେତେବେଳେ ଛୋଟ ପିଲାଟିଏ ଜନ୍ମନେଇ ଆଖି ଖୋଲୁଛି, ପ୍ରଥମେ ସେ ପ୍ରକୃତିକୁ ଦେଖୁଛି। ପ୍ରକୃତିର ବାସ୍ନା ପାଉଛି। ଏହାର ଅର୍ଥ ସେ ମହାପ୍ରଭୁ ଜଗନ୍ନାଥଙ୍କ ସ୍ପର୍ଶ ପାଉଛି। ପ୍ରକୃତି ହିଁ ଜଗନ୍ନାଥଙ୍କ ପୋଷାକ। ସେ ଆହୁରି ମଧ କହିଲେ, ରୁଷ ଭଳି ଶକ୍ତିଶାଳୀ ଦେଶ ତାଲିବାନ ଏବଂ ଭିଏତନାମ ଭଳି ଛୋଟ ଦେଶ ଲାଗୁନାହିଁ। କିନ୍ତୁ ଅନ୍ୟ ଦେଶଗୁଡ଼ିକ ଉପରେ ମୁରବୀପଣିଆ ଜାହିର କରୁଛି। ଯୁଦ୍ଧ ଘନଘଟା ଭିତରେ ପୃଥିବୀ ବିନାଶ ଆଡ଼କୁ ଗତି କରୁଥିବାବେଳେ ଆଧାତ୍ମିକ ଭାବନା ହିଁ ଆମ ସମସ୍ତଙ୍କୁ ସୁରକ୍ଷିତ ରଖିପାରିବ ବୋଲି ରାଜ୍ୟପାଳ ଅଭିଭାଷଣରେ କହିଥିଲେ। ଏହି ଅବସରରେ ସେ ନଟରାଜ ଶବ୍ଦକୁ ବ୍ୟାଖ୍ୟା କରି କହିଲେ, ନଟରାଜ ହେଉଛନ୍ତି ନୃତ୍ୟସଙ୍ଗୀତ। ଏଥିରେ ଭଗବାନ ଶ୍ରୀକୃଷ୍ଣ ଓ ମହାପ୍ରଭୁ ଜଗନ୍ନାଥ ରହିଛନ୍ତି। ନଟରାଜ ଅନୁଷ୍ଠାନ ଆଗକୁ ବଢ଼ି ଅଧିକ ପ୍ରତିଭାବାନ କଳାକାର ସୃଷ୍ଟି କରୁ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଛନ୍ତି।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଅନୁଷ୍ଠାନର ଉପସଭାନେତ୍ରୀ ପ୍ରୋତିମା ସିହ୍ନା ଏବଂ ସମ୍ପାଦକ ଅଶୋକ ଦାଶ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ, ନଟରାଜ ଅନୁଷ୍ଠାନର ବହୁ ପ୍ରତିଭାବାନ କଳାକାର ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିଭା ପ୍ରଦର୍ଶନ କରି ଗୌରବ ଆଣିଛନ୍ତି। ଅନୁଷ୍ଠାନର ଏଭଳି ପ୍ରୟାସ ସ୍ୱାଗତଯୋଗ୍ୟ। ଏମ୍ପି ମହେଶ ସାହୁ ଏବଂ ବିଧାୟକ ସୁଧୀର କୁମାର ସାମଲ ଢେଙ୍କାନାଳ ଲକ୍ଷ୍ମୀପୂଜାର ବିଶେଷତ୍ୱ ଓ ପ୍ରତିଭା ବିକାଶରେ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜା ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂଦେଓଙ୍କୁ ରାଜ୍ୟପାଳ ‘ଢେଙ୍କାନାଳ ଗୌରବ’ ସମ୍ମାନରେ ସମ୍ମାନିତ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ୱପ୍ନାରାଣୀ ସିହ୍ନାଙ୍କୁ ‘ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ-୨୦୨୧’, ଶାସ୍ତ୍ରୀୟ କଣ୍ଠଶିଳ୍ପୀ ପଣ୍ଡିତ ଚିତ୍ତରଞ୍ଜନ ପାଣିଙ୍କୁ ‘ଭଜନ ସମ୍ରାଟ ଭିକାରୀ ବଳ ସମ୍ମାନ-୨୦୨୨’ରେ ସମ୍ମାନିତ କରାଯାଇଥିଲା। ଏଥିସହ ଓଡ଼ିଶୀ ନୃତ୍ୟଶିଳ୍ପୀ ଅନିତା ସିଂଦେଓ ଏବଂ ମୀରା ଦାସ ‘ଭରତମୁନି ନୃତ୍ୟ ସମ୍ମାନ’ରେ ସମ୍ମାନିତ ହୋଇଥିଲେ।

ଅନୁଷ୍ଠାନର ଉପସଭାନେତ୍ରୀ ପ୍ରୋତିମା ସିହ୍ନା ମଞ୍ଚାସୀନ ଥିଲେ। ସମ୍ପାଦକ ଅଶୋକ ଦାଶ ବିବରଣୀ ପାଠ କରିଥିବାବେଳେ ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭାପତି କୃଷ୍ଣ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲେ। ଶେଷରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

dklselfie@gmail.com



@ ରାଜବୀ



@ ସୂର୍ଯ୍ୟକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଅ

ବଇଣ୍ଡା,୧୦।୧୦(ଡି.ଏନ.ଏ.)

ଲୋକଙ୍କ ସମସ୍ୟା ସମାଧାନ ଉପରେ ସମସ୍ତ କର୍ମଚାରୀ ଗୁରୁତ୍ୱ ଦିଅନ୍ତୁ ବୋଲି ସୋମବାର କିଶୋରନଗର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିବା ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ୬୫ଟି ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅଭିଯୋଗଗୁଡିକ ଶୀଘ୍ର ସମାଧାନ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଜିଲା ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସାମନ୍ତ ରାଏ, ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, କିଶୋରନଗର ବ୍ଲକ ଅଧକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଅତିରିକ୍ତ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ବିବିଧ ଶୃଙ୍ଖଳା ଟିମ୍‌ର ଚଢ଼ାଉ

ଛେଣ୍ଡିପଦା,୧୦।୧୦(ସ୍ୱ.ପ୍ର.)

ଅନୁଗୋଳ ଉପଜିଲାପାଳ ବୈଦ୍ୟୁରା ଦୀପଙ୍କ ନିର୍ଦ୍ଦେଶରେ ସୋମବାର ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଛେଣ୍ଡିପଦା ଅଞ୍ଚଳରେ ଚଢ଼ାଉ କରାଯାଇଛି। ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ ଓ ବେଆଇନ ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ି ଗୁଡ଼ିକୁ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ସହକାରୀ ଜିଲାପାଳ ସୁକାନ୍ତ କୁମାର ସାହୁ, ଯୋଗାଣ ଅଧିକାରୀ ସ୍ୱୟଂ ପ୍ରକାଶ ସ୍ୱାଇଁ, ଖାଦ୍ୟ ନିରାପତ୍ତା ଅଧିକାରୀ ହରପ୍ରିୟା ବେହେରା, ଓଜନ ମାପ ବିଭାଗ ଅଧିକାରୀ ତୋଳ ଗଙ୍ଗଦେବ କିଶାନ ପ୍ରମୁଖ କୋଶଳା ଅଞ୍ଚଳର ଏକ ହୋଟେଲ ଓ ମିଠା ଦୋକାନରେ ଚଢ଼ାଉ କରିଥିଲେ। ଉକ୍ତ ୨ ଦୋକାନର ଲାଇସେନ୍ସ ନ ଥିବା ଏବଂ ଅପରିଷ୍କାର ପରିବେଶ ଯୋଗୁ ଚଢ଼ାଉକାରୀ ଟିମ୍ ହୋଟେଲକୁ ୫୫୦୦ ଟଙ୍କା ଓ ମିଠା ଦୋକାନକୁ ୧୦ ହଜାର ଟଙ୍କା ଜରିମାନା କରିଥିଲେ। ସେହିପରି ଅନ୍ୟ ଏକ ହୋଟେଲକୁ ୧୦ ହଜାର ଟଙ୍କା ଜରିମାନା କରିବା ସହ ତାଗିଦ କରିଥିଲେ। ୨ଟି ପେଟ୍ରୋଲ ପମ୍ପରେ ଯାଞ୍ଚ ବେଳେ ଅଗ୍ନି ନିରାପତ୍ତା ଠିକ୍ ନ ଥିବାରୁ ୧୦ ହଜାର ଓ ୩୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। କୋଶଳା ଦୁର୍ଗାବଜାର ନିକଟରେ ଥିବା ଏକ ହୋଟେଲରେ ଚଢ଼ାଉକରି ଅପ ମିଶ୍ରଣ ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ତାହାକୁ ସିଲ୍ କରିଥିଲେ। ଛେଣ୍ଡିପଦାରେ ଥିବା ବିଦେଶୀ ମଦ ଦୋକାନରେ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦର ନିଆଯାଉଥିବା ଅଭିଯୋଗ ଯୋଗୁ ତାହାକୁ ସିଲ୍ କରିଥିଲେ। ସେହିଭଳି ବେଆଇନ ଖଣିଜ ପଦାର୍ଥ ପରିବହନ କରୁଥିବା ଏକ ଟିପ୍ପରର ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଜରିମନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ଛେଣ୍ଡିପଦା ତହସିଲ ଅଞ୍ଚଳରେ ପ୍ଲାଷ୍ଟିକ ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା, ଖାଦ୍ୟ ନିରାପତ୍ତା, ଓଜନ ମାପ ଆଦିର ଯାଞ୍ଚ କରାଯିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ପ୍ରକାଶ କରିଛନ୍ତି।




ଚଢ଼ାଉ ପାଇଁ ଆସିଥିବା ଟିମ୍‌ର ସଦସ୍ୟମାନେ।

## ୫ ଦଫା ଦାବିରେ ତହସିଲଦାରଙ୍କୁ ଦାବିପତ୍ର



କଣିହାଁ,୧୦।୧୦(ଡି.ଏନ.ଏ.)

୫ ଦଫା ଦାବି ନେଇ ପବିତ୍ରମୋହନ ସେବା ସଂଘ ତରଫରୁ ସୋମବାର କଣିହାଁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଖଣିଖାଦାନ ସହିତ ବିଦ୍ୟୁତ୍ ପ୍ଲାଣ୍ଟକୁ କୋଇଲା ଯୋଗାଣ ହେଉଛି। ପ୍ରତିଦିନ ୧୫ ଶହରୁ ଉର୍ଦ୍ଧ୍ୱ ଭାରିଯାନ ଯାତାୟତ କରୁଛି। ଫଳରେ ପ୍ରଦୂଷଣ ସମସ୍ୟା ସହିତ ରାସ୍ତା ଖରାପ ଯୋଗୁ ସାଧାରଣ ଲୋକଙ୍କ ଚଳାଚଳ ବାଧାପ୍ରାପ୍ତ ହେଉଛି। ତେଣୁ ରାସ୍ତାରେ ପଡୁଥିବା କୋଇଲା, ପାଉଁଶ, ଆବର୍ଜନା ପ୍ରତିଦିନ ସଫେଇ ପାଇଁ ମେଶିନ ଉପଯୋଗ ଓ ଦ୍ରୁତ ଗତିରେ ଯାଉଥିବା ଗାଡ଼ିଗୁଡ଼ିକ ନିୟନ୍ତ୍ରଣ କରାଯିବା ସହ କଣିହାଁ କଲେଜଠାରୁ ଟାକୁଆ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା, ସ୍କୁଲ ପିଲାଙ୍କ ପାଇଁ ବସ୍ ବ୍ୟବସ୍ଥା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଦସ୍ୟ ମନୋଜ ନାୟକ, ସରୋଜ ଦାସ, ତପନ ନାୟକ, ବିକାଶ ଦାସ, ଚିନ୍ମୟ ସାହୁ, ରାକେଶ ସାମଲ, ସିପୁନ ଭୁତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା ପଲ୍ଲିଶ୍ରୀ ମେଳା

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳ ଜିଲା ପ୍ରଶାସନ ଏବଂ ଓର୍‌ମାସର ମିଳିତ ସହଯୋଗରେ ସ୍ଥାନୀୟ ମହିଷାପାଟ ପଡ଼ିଆରେ ସୋମବାର ରାତି ୮ଟାରେ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାର ଶୁଭାରମ୍ଭ କରି କହିଲେ, ପର୍ଯ୍ୟଟନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲାକୁ ୫୦ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। ଉକ୍ତ ଅର୍ଥରେ କପିଳାସ, ସପ୍ତଶଯ୍ୟା ଭଳି ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ। ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, କଳାସଂସ୍କୃତି, ପର୍ଯ୍ୟଟନ, ବିକାଶ ଭଳି କାର୍ଯ୍ୟକ୍ରମ ମଧ୍ୟରେ ମୁଖ୍ୟମନ୍ତ୍ରୀ ସମନ୍ୱୟ ଆଣି ପାରିଛନ୍ତି।




କାର୍ଯ୍ୟକ୍ରମରେ ଅତିଥିମାନେ।

ସମସ୍ତଙ୍କ ସହଯୋଗ ମିଳିଲେ ବିକାଶ କାର୍ଯ୍ୟ ଦ୍ୱରାନିତ୍ୱ ହୋଇପାରିବ। ଅନ୍ୟତମ ଅତିଥି ଭାବେ ଏମ୍ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ମିଳିତ ବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଓଲିଉଡ୍ ଅଭିନେତ୍ରୀ ଭୂମିକା, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ସଭାପତିତ୍ୱ କରି କହିଲେ, ପଲ୍ଲିଶ୍ରୀ ମେଳାରେ ୩୦୦ ଷ୍ଟଲ୍‌ରେ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହେଉଛି। ଜିଲାରେ ୧୯,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ଏଥିରେ ୨ ଲକ୍ଷ ସଦସ୍ୟ ଯୋଡ଼ି ହୋଇଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ଧନ୍ୟବାଦ ଦେଇଥିଲେ।

## ସମ୍ଭାବ୍ୟ ବାତ୍ୟା ଲାଗି ପ୍ରସ୍ତୁତ ରୁହ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୦।୧୦(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ସୋମବାର ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି, ବର୍ତ୍ତମାନ ରାଜ୍ୟର ଜଳବାୟୁ ସ୍ଥିତି ବାତ୍ୟା ଅନୁକୂଳ ରହିଛି। ତେବେ ଆସନ୍ତା ୧୫ ଦିନ ଭିତରେ ବାତ୍ୟା ଆଶଙ୍କା ନ ଥିବା ସେ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଓଡ଼ିଶାରେ ବାତ୍ୟାର ପୂର୍ବାନୁମାନ ଏବଂ ଆଗୁଆ ସତର୍କ ସୂଚନା ପ୍ରସାରଣ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି । ଗୋପାଳପୁର ଓ ପାରାଦୀପଠାରେ ଡପ୍‌ଲର ପାଣିପାଗ ରାଡାର ଷ୍ଟେଶନ ସହ ବାଲେଶ୍ୱର, ଚାନ୍ଦବାଲି, ପୁରୀ, ଭୁବନେଶ୍ୱର, ଗୋପାଳପୁର ଏବଂ ପାରାଦୀପ ଆଦି ସ୍ଥାନରେ ଉଚ୍ଚ କ୍ଷମତାସମ୍ପନ୍ନ ବାୟୁଗତି ପରିମାପକ ଯନ୍ତ୍ରମାନ (ହାଇ ୱିଣ୍ଡ୍ ସ୍ପିଡ୍ ରେକର୍ଡର) ସ୍ଥାପନ କରାଯାଇଛି। ବାତ୍ୟା ପରିବର୍ତ୍ତୀ ପୁନରୁଦ୍ଧାର ପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରୀ ଟିମ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ୨୧ ଗ୍ରାମ ବ୍ରାଉନସୁଗାର ଜବତ

ଅନୁଗୋଳ ଅଫିସ, ୧୦।୧୦

ଅନୁଗୋଳ ଜିଲାର ତାଳଚେର ଅଞ୍ଚଳ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳ ପାଲଟିଗଲାଣି। ବାରମ୍ବାର ଏଠାରୁ ଏହି ନିଶାଦ୍ରବ୍ୟ ଜବତ କରାଯାଉଥିଲେ ବି ଚୋରା ବ୍ୟବସାୟ ହ୍ରାସ ପାଉନାହିଁ। ରବିବାର ରାତି ୯ଟାରେ କୋଲିୟାରୀ ପୋଲିସ ହାଣ୍ଡିଧୂଆ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରାଯାଉଥିବା ଖବର ପାଇଥିଲା। ଏହାପରେ ଚଢ଼ାଉ କରି ଟୁକୁନା ଓରଫ ସୁନୀଲ ସେଠୀ(୨୬)ଙ୍କୁ ଉଠାଇ ଆଣିଥିଲା। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୨୦.୮୦ ଗ୍ରାମର ବ୍ରାଉନସୁଗାର ପୋଲିସ ଜବତ କରିଥିଲା। ଏନେଇ କୋଲିୟରୀ ଥାନା ଏସ୍‌ଆଇ ବିକାଶ ରଞ୍ଜନ ଗିରିଙ୍କ ଅଭିଯୋଗ କ୍ରମେ ନଂ. ୫୧୬/୨୨ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।




ସୂଚନାଯୋଗ୍ୟ, ଗତ ମାସରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଝିଲି ସାହୁଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୧୪୨ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଥିଲା। ସେହିପରି ଢେଙ୍କାନାଳରୁ ରେମୁଣା ଅଞ୍ଚଳକୁ ୨୫ ଗ୍ରାମ ବ୍ରାଉନ ସୁଗାର ଆଣିବା ସମୟରେ ଅବକାରୀ ବିଭାଗ ଚଢ଼ାଉ କରି ବ୍ରଜମୋହନ ପଟ୍ଟନାୟକଙ୍କୁ ଗିରଫ କରିଥିଲା। ଏହା ପୂର୍ବରୁ ମଧ ଅବକାରୀ ବିଭାଗ ବ୍ରାଉନସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଅବକାରୀ ଓ ପୋଲିସ ପକ୍ଷରୁ ବ୍ରାଉନସୁଗାର ଜବତ ସହ ବ୍ୟବସାୟୀଙ୍କୁ ଗିରଫ କରାଯାଉଥିଲେ ମଧ ଏହି ନିଶା ସାମଗ୍ରୀ ଅନୁଗୋଳକୁ କେଉଁଠୁ ଆସୁଛି ଏବଂ କେଉଁମାନେ ଏଥିରେ ସମ୍ପୃକ୍ତ ରହିଛନ୍ତି, ତାହାର ସନ୍ଧାନ ଅଦ୍ୟାବଧି ପୋଲିସ କି ଅବକାରୀ ବିଭାଗ ପାଉ ନ ଥିବାରୁ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମଦ ଜବତ, ୮ ଗିରଫ

ଢେଙ୍କାନାଳ ଅଫିସ, ୧୦।୧୦

ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୪୦ ଲିଟର ଦେଶୀମଦ ଜବତ କରାଯାଇଛି। ଚୋରା ମଦ କାରବାରରେ ସମ୍ପୃକ୍ତି ଅଭିଯୋଗରେ ବାରିହାପୁର ଗ୍ରାମର ଶ୍ରୀନିବାସ ସାହୁ, ସୁଭଦ୍ରା ସେଠୀ ଚାନ୍ଦପୁରର ଗୌରାଙ୍ଗ ଦେହୁରୀ, ବାରିହାପୁରର ବିପିନ ପ୍ରଧାନ, ମହାବିରୋଡର ନଳିନୀ ପ୍ରଧାନ, ଅଜୟ ପ୍ରଧାନ, ନବଲାଉଲଇର ଶରତ ସାହୁ ଏବଂ କଣ୍ଟାମାଳିଆର ମଙ୍ଗଳା ଗାଗରାଇଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ମଦ ଚାଲାଣ ବେଳେ ଏକ ବାଇକ୍ ଧରାପଡ଼ିଛି। ଗାଡ଼ିରୁ ୯୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ନିରୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ମେଶିନ କରିବ ସହର ସଫେଇ

### ସରିଲା ଗାଡ଼ି ପୂଜା, ୧୫ ତାରିଖରୁ ବୁଲିବ ଝାଡ଼ୁ

ଅନୁଗୋଳ ଅଫିସ, ୧୦।୧୦

ଅନୁଗୋଳ ସହର ପ୍ରଦୂଷଣ ବଳୟ ଭିତରେ ରହୁଛି। ବିଭିନ୍ନ ସମୟରେ ଏହି ପ୍ରଦୂଷଣ ପାଇଁ ସହରୀ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ତେଣୁ ଅନୁଗୋଳ ସହର ସଫେଇ ପାଇଁ ଝାଡୁ ମାରୁଥିବା ଗାଡ଼ି ଅଣାଯାଇଛି। ସୋମବାର ପୂର୍ବାହ୍ନରେ ଗାଡ଼ିର ପୂଜାର୍ଚ୍ଚନା କରାଯାଇଛି। ଆସନ୍ତା ୧୫ ତାରିଖରୁ ଏହି ଗାଡ଼ି ସହର ସଫା କାର୍ଯ୍ୟରେ ଲାଗିବ ବୋଲି ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି।

ପୌର ନିର୍ବାହୀ ଅଧିକାରୀ କହିଛନ୍ତି, ଜାତୀୟ କ୍ଲିନ୍‌ଏୟାର ପ୍ରୋଗ୍ରାମ(ଏନ୍‌ସିଏପି) ପକ୍ଷରୁ ପୌରପାଳିକାକୁ ମୋଟ ୯୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେଥିରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ଗାଡ଼ି ଅଣାଯାଇଛି। ପ୍ରଦୂଷିତ ସହର ହୋଇଥିବାରୁ ଅନୁଗୋଳ ପୌରାଞ୍ଚଳ ସଫେଇ ପାଇଁ ପ୍ରଥମ କରି ଝାଡୁ ମାରୁଥିବା ମେଶିନ ଅଣାଯାଇଛି। ପରବର୍ତ୍ତୀ ସମୟରେ ପାଣି ସିଞ୍ଚନ ପାଇଁ ମେଶିନ୍ ଆସିବ। ଏଥିସହ ସହରକୁ ପ୍ରଦୂଷଣ ମୁକ୍ତ କରାଯିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ଉକ୍ତ ଟଙ୍କା ଖର୍ଚ୍ଚ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଗାଡ଼ି ଚଳାଇବାକୁ ୨ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଗାଡ଼ି ପୂଜା ସମୟରେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ମଲ୍ଲିକଙ୍କ ସହ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ଉପାଧକ୍ଷା ଅନୁପମା ସାହୁ, କାଉନସିଲର ସରିତା ମିଶ୍ର, ସୁକାନ୍ତି ଦାସ, ସୂର୍ଯ୍ୟସ୍ନାତା ସାହୁ, ଟ୍ୟାକ୍ସ ଦାରୋଗା ବିଭୂତି ଭୂଷଣ ମହାରଣା, ପରିମଳ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



